**ସଂକ୍ଷେପରେ**

## ଶ୍ୱଶୁରଙ୍କୁ ହତ୍ୟା ଅଭିଯୋଗରେ ଜ୍ୱାଇଁ ଗିରଫ

### ଅଲେଖ ମହିମା ଟୁଙ୍ଗିରେ ଭକ୍ତଙ୍କୁ ହତ୍ୟା ଘଟଣା

ଝରିଗାଁ,୨୨।୨(କିଶୋର ଚନ୍ଦ୍ର ମଣ୍ଡଳ)

ଚଳିତ ମାସ ୧୭ ତାରିଖରେ ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ ସଦରସ୍ଥିତ ଅଲେଖ ମହିମା ଟୁଙ୍ଗିରେ ରହୁଥିବା ଛତିଶଗଡ଼ ରାଜ୍ୟ କଣ୍ଡାଗାଁ ଜିଲା ଅନନ୍ତପୁର ଥାନା ଅଧୀନ ଦେଉରବାହାଲ ଗ୍ରାମର ବୁଦ୍ଧୁରାମ ନେତାମଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ତାଙ୍କ ଜ୍ୱାଇଁ ପଣ୍ଡରାଗନ୍ଦି ଗ୍ରାମର ପଦୁ ପାଇକଙ୍କୁ ଗିରଫ କରାଯାଇଛି। ପଦୁ ଘଟଣା ଦିନରୁ ଫେରାର ଥିଲେ। ସୂଚନାନୁଯାୟୀ ବୁଦ୍ଧୁରାମ ଛତିଶଗଡରୁ ଆସି ବେଲଗାଁସ୍ଥିତ ଅଲେଖ ମହିମା ଟୁଙ୍ଗିରେ ରହୁଥିଲେ। ଘଟଣା ଦିନ ଦ୍ୱିପହରେ ପଦୁ ସେଠାକୁ ଆସି ବୁଦ୍ଧୁରାମଙ୍କ ପଶି ବେକ ଚପିବାର ଦେଖି ଟୁଙ୍ଗିର ଅନ୍ୟ ବାବା ଲକ୍ଷ୍ମିନାଥ ବୈରାଗୀ ଦେଖି ଝରିଗାଁ ଥାନାରେ ଜଣାଇଥିଲେ। ଘଟଣାସ୍ଥଳରୁ ପଦୁ ଫେରାର ହୋଇଯାଇଥିଲେ। ଥାନାଧିକାରୀ ତପନ କୁମାର ପତିଙ୍କ ନେତୃତ୍ୱରେ ଝରିଗାଁ ପୋଲିସ୍ ପଦୁଙ୍କୁ ଖୋଜାଖୋଜି କରି ଗିରଫ କରିଛନ୍ତି। ଝରିଗାଁ ଥାନାରେ କେସ୍ ନଂ ୪୧/୨୪ ମାମଲା ରୁଜୁ କରାଯାଇ ପଦୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ପଦୁ ଶ୍ୱଶୁର ଘର ନିକଟରେ ଲୁଚିଥିଲେ। ସେ ନିଜ ଗାଁକୁ ଆସିବା ଖବରପାଇ ତାଙ୍କୁ ଗିରଫ କରାଯାଇଛି ବୋଲି ଥାନାଧିକାରୀ ତପନ କୁମାର ପତି କହିଛନ୍ତି।

## ଗଳିତ ମୃତଦେହ ଜବତ

### ପୋଖରୀରେ ବୁଡ଼ିଯିବା ଘଟଣା

ନନ୍ଦାହାଣ୍ଡି,୨୨।୨ (ପ୍ରତୀପ କୁମାର ଦାଶ)

ପୋଖରୀରେ ବୁଡ଼ିବାର ଦୀର୍ଘ ୩୦ ଘଣ୍ଟା ପରେ ମିଳିଲା ମୃତଦେହ। ମୃତକ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମର ପ୍ରହ୍ଲାଦ ରଥ (୫୨)। ସେ ମଙ୍ଗଳବାରଠାରୁ ନିଖୋଜ ଥିଲେ। ସୂଚନାନୁଯାୟୀ ମଙ୍ଗଳବାର ପ୍ରହ୍ଲାଦ ଗାଁ ଶିବମନ୍ଦିର ପଛପଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ କୌଣସି କାରଣରୁ ବୁଡ଼ି ଯାଇଥିଲେ। ପୋଖରୀର ଅନ୍ୟ ପାର୍ଶ୍ୱରେ ଥିବା ଜଣେ ମହିଳା ଏହା ଦେଖି ପ୍ରହ୍ଲାଦଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପ୍ରହ୍ଲାଦଙ୍କ ଭାଇ ଦହଣା ସ୍ଥିତ ଅଗ୍ନିଶମ ବିଭାଗକୁ ଘଟଣା ସମ୍ପର୍କରେ ଖବରଦେବା ପରେ ସେମାନେ ଖୋଜାଖୋଜି କରିଥିଲେ। କିନ୍ତୁ ପ୍ରହ୍ଲାଦଙ୍କ କୌଣସି ସନ୍ଧାନ ନ ପାଇବାରୁ ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବିଭାଗକୁ ଜଣାଇବା ସହ ଉଭୟ ଦଳ ମିଶି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତଥାପି ମଧ୍ୟ ସୁଫଳ ମିଳି ନ ଥିଲା। ବୁଧବାର ସ୍ଥାନୀୟ ଗ୍ରାମବାସୀ ଓ ଯୁବକମାନେ ପୋଖରୀ ଭିତରେ ଖୋଜାଖୋଜି କରିବା ପରେ ସନ୍ଧ୍ୟାରେ ଯୁବକଙ୍କ ମୃତଦେହ ମିଳିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ କେସ୍ ନମ୍ବର ୩/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ରାତି ୯ ଟାରେ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଶତପ୍ରତିଶତ ଛାତ୍ରବୃତ୍ତି ଆବେଦନ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି

**ପ୍ରି ମାଟ୍ରିକ୍ ଛାତ୍ରବୃତ୍ତି, ଡ୍ରପ୍ ଆଉଟ୍ ହାର ସମସ୍ୟା ସମାଧାନ ନେଇ ସମନ୍ୱୟ ବୈଠକ**

ନବରଙ୍ଗପୁର,୨୨।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପ୍ରଶାସନ, ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲା କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ପିରାମଲ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ(ରାଜସ୍ୱ) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଜିଲା କଲ୍ୟାଣ ଅଧିକାରୀ ପାଲକା ରବୀନ୍ଦ୍ର, ଏଡିଇଓ ବିଶ୍ୱନାଥ ସାହୁ, ସମସ୍ତ ବିଇଓ, ବ୍ଲକ କଲ୍ୟାଣ ଅଧିକାରୀ, ଛାତ୍ରବୃତ୍ତି ସଂଯୋଜକ ଶିଶିର କୁମାର ପଣ୍ଡା, ଯୋଜନା ସଂଯୋଜକ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ବାଳିକା ସଂଯୋଜକ ମମତା ପରିଚ୍ଛା, ଏଡିଏମ୍ ସୁନୀଲ କୁମାର ଜମାଦା ଉପସ୍ଥିତ ଥିଲେ। ଛାତ୍ରବୃତ୍ତି ସେବା ପ୍ରଦାନ ଏବଂ ଆନୁଷଙ୍ଗିକ ଆହ୍ୱାନଗୁଡ଼ିକୁ ସୁଦୃଢ କରିବା ପାଇଁ ଏକାଧିକ ବିଭାଗ ମଧ୍ୟରେ ସହଯୋଗ ଏବଂ ସମନ୍ୱୟ ଆଣିବା ବୈଠକର ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ। ଫେବୃଆରୀ



ବୈଠକରେ ମଞ୍ଚାସୀନ ଅଧିକାରୀ ଓ ଅନ୍ୟମାନେ।

ଶେଷ ସୁଦ୍ଧା ସମସ୍ତ ନବମ ଓ ଦଶମ ଛାତ୍ରୀଛାତ୍ରଙ୍କ ଶତ ପ୍ରତିଶତ ଛାତ୍ରବୃତ୍ତି ଆବେଦନ ସୁନିଶ୍ଚିତ କରିବାକୁ ବିଇଓ ଏବଂ ଡବ୍ଲ୍ୟୁଇଓଙ୍କୁ ଅତିରିକ୍ତ ଜିଲାପାଳ କହିଛନ୍ତି। ଛାତ୍ରବୃତ୍ତି ନାମଲେଖାରେ ଉନ୍ନତି ଆଣିବା ପାଇଁ କିପରି ରଣନୀତି ପ୍ରସ୍ତୁତକରି ମିଳିତଭାବେ କାର୍ଯ୍ୟ କରିହେବ ସେ ନେଇ ଜିଲା କଲ୍ୟାଣ ଅଧିକାରୀ, ଏଡିଇଓ ମାର୍ଗଦର୍ଶନ କରିଥିଲେ। ଏଥିସହ ଜିଲା ଭିତରେ ବାଳିକା ଶିକ୍ଷାରେ ଛାତ୍ରବୃତ୍ତି ଓ ଡ୍ରପ୍ ଆଉଟ୍ ହାର ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ଚର୍ଚ୍ଚା କରାଯାଇଥିଲା।

ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ନେଇ ଆବେଦନ କରିବା ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ସହଜରେ ଉପଲବ୍ଧ କରାଇବାକୁ ପରାମର୍ଶ ଦିଆଯାଇଛି। ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପାଇବା ଓ ଡ୍ରପ୍ ଆଉଟ୍ ହ୍ରାସ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପିରାମଲ ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର ଆଦିତ୍ୟ ସାହୁ, ପ୍ରୋଗ୍ରାମ ମ୍ୟାନେଜର ଦେବବ୍ରତ ଆଚାର୍ଯ୍ୟ, ଶାଶ୍ୱତ ସୌରଭ ପଣ୍ଡା, ବରିଷ୍ଠ ପ୍ରୋଗ୍ରାମ ଲିଡର ଶକ୍ତିକାନ୍ତ ବାରିକ, ପ୍ରୋଗ୍ରାମ ଲିଡର ଚୈତନ୍ୟ ପଟେଲ, ସୁମିତ୍ରା ସ୍ୱାଇଁ ଅନୁସନ୍ଧାନମୂଳକ ତଥ୍ୟ ଉପସ୍ଥାପନ କରିଥିଲେ। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଡ୍ରପଆଉଟ୍ ହ୍ରାସ, ନାମଲେଖା ବୃଦ୍ଧି, ଧାରଣ ଏବଂ ବୃତ୍ତି ଗ୍ରହଣରେ ଉନ୍ନତି ଆଣିବା ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ଭାବ୍ୟ ସମାଧାନ ଉପରେ ଗଭୀର ଆଲୋଚନା ପାଇଁ ଏହି ଅନୁସନ୍ଧାନ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର


କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ମାଲକାନଗିରି,୨୨।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକ ତରଫରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ବିଡିଓ ପ୍ରଭାତୀ ଝୋଡ଼ିଆଙ୍କ ଅଧ୍ୟକ୍ଷତାରେ ଗୁରୁବାର ଗୌଡ଼ଗୁଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଝୋଡ଼ିଆ ଗୌଡଗୁଡା ପଞ୍ଚାୟତରେ ହୋଇଥିବା ବିକାଶ ଉପରେ ଆଲୋକପାତ କରି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତ ପରିବାରକୁ ଅନ୍ତର୍ଭୁକ୍ତ କରାଯିବା, କାଳିଆ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା, ମିଶନ ଶକ୍ତି ଦ୍ୱାରା ମହିଳା ଗୋଷ୍ଠୀଙ୍କୁ ସଶକ୍ତୀକରଣ, ବିନା ସୁଧରେ ଋଣ, ମମତା ଯୋଜନା, ପଞ୍ଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୌଡଗୁଡା ସରପଞ୍ଚ ପାଣ୍ଡରି ପଡିଆମୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲା ବିଜେଡି ଯୁବ ଉପ ସଭାପତି କଣ୍ଟେସ ପୋଟଲା, ବିଜେଡି ଜୋନ୍ ସଂଯୋଜକ ଗୋପୀ ପାଙ୍ଗୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରୁଥିବା ଯୁବଗୋଷ୍ଠୀ, ଶ୍ରେଷ୍ଠ ଚାଷୀ ଓ ଉତ୍ତମ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରିବା ସହ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମହାସଂଘ ତରଫରୁ ୧ ଲକ୍ଷ ଟଙ୍କା ଲେଖାଏ ଋଣ ପ୍ରଦାନ କରାଯାଇଥିଲା ।

# ଆଦିବାସୀ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା, ସାଂସ୍କୃତିକ ବିକାଶକୁ ଗୁରୁତ୍ୱ

**ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ**

ଝରିଗାଁ ,୨୨।୨(କିଶୋର ଚନ୍ଦ୍ର ମଣ୍ଡଳ)

ଆଦିବାସୀ ବହୁଳ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମାରେ ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଡିଓ ପ୍ରୀତା କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟ ପ୍ରିୟରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାଉନସିଲର ଡମ୍ବରୁ ଭତ୍ରା, ଆମ୍ମା ଅଧ୍ୟକ୍ଷ ଟିକଚନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ଛାତ୍ରୀଛାତ୍ର କ୍ରୀଡ଼ା ଜଗତରେ ନିଜର ପ୍ରତିଭା ସଦାସର୍ବଦା ଦେଖାଇ ଆସିଛନ୍ତି ଏବଂ ଏହି ପ୍ରତିଭାକୁ ତ୍ୱରାନ୍ୱିତ କରିବା ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଝରିଗାଁ ବ୍ଲକର ଝିଅପୁଅଙ୍କୁ ନେଇ ପୂର୍ବାହ୍ନରେ ହୋଇଥିବା ପ୍ରତିଯୋଗିତାରେ ଦୌଡ଼କୁଦ, ଲମ୍ଫଡିଆଁ ଏବଂ ଫୁଟ୍‌ବଲ ଆଦି ଖେଳର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଛନ୍ତି।


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ଶିକ୍ଷା ବିଭାଗ ଦୁର୍ନୀତିର ତଦନ୍ତ କରିବ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ

ନବରଙ୍ଗପୁର,୨୨।୨(ସଦାଶିବ ପ୍ରହରାଜ)

ଅଖିଳ ଭାରତୀୟ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ନବରଙ୍ଗପୁର ପ୍ରାଥମିକ ଶିକ୍ଷା କାର୍ଯ୍ୟାଳୟ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବ୍ୟାପକ ଦୁର୍ନୀତିର ତଦନ୍ତ କରିବ। ଏ ସମ୍ପର୍କରେ ସଙ୍ଗଠନ ଆବାହକ ସୁବ୍ରତ ନନ୍ଦ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସଙ୍ଗଠନ ରାଜ୍ୟ କମିଟି ନିକଟରେ ବହୁ ଅଭିଯୋଗ ପହଞ୍ଚିବା ପରେ ଏହି ଘଟଣାର ଅନୁସନ୍ଧାନ କରିବାକୁ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ କରାଯାଇଛି। ଏହି କମିଟିରେ ନବରଙ୍ଗପୁର ଓକିଲ ସଂଘ ପୂର୍ବତନ ସଭାପତି ତଥା କୋରାପୁଟ ଜିଲା ଭ୍ରଷ୍ଟାଚାର ବିରୋଧୀ ସଂଗଠନର ସଭାପତି ଅଶୋକ ମିଶ୍ର, ରାଜ୍ୟ ଶିକ୍ଷକ ନେତା ତଥା ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ପଣ୍ଡା, କଳାହାଣ୍ଡି ଜିଲା ସଭାପତି ତଥା ସୁପ୍ରିମକୋର୍ଟରେ ଆଇନଜୀବୀ ସଞ୍ଜୀବ ଜୋଷୀ ଓ ନବରଙ୍ଗପୁର ଜିଲା ଆବାହକ ଖବରଦାତା ଈଶ୍ୱର ରାଓ ସାମିଲ ହୋଇଛନ୍ତି। ଜିଲାର ବିଭିନ୍ନ ବ୍ଲକରେ ଏଜେଣ୍ଟ ନିଯୁକ୍ତି କରାଯାଇ ବଦଳି, ପ୍ରମୋସନ, ପେନ୍‌ସନ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଅର୍ଥକୁ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଥିଲା। ୪ମାସ ତଳେ ୟୁନିଫର୍ମ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ଏହାର ତଦନ୍ତ କରିବାକୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ବ୍ଲକରେ ହୋଇଥିବା ଟ୍ରେନିଂ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ସ୍କୁଲକୁ ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ଅର୍ଥ ବାଟମାରଣା ସହ ବିନା ଟ୍ରେନିଂ ପ୍ରୋଗ୍ରାମରେ ଜାଲ୍ ରସିଦ କରି ଆତ୍ମସାତ କରାଯାଉଛି । ଡେପୁଟେଶନରେ ଶିକ୍ଷକଙ୍କୁ ବଦଳି କରିବା ପାଇଁ ପ୍ରତ୍ୟେକ ଶିକ୍ଷକ ପିଛା ୩୦ ହଜାର ଟଙ୍କା ସଂଗ୍ରହ କରାଯାଉଥିବା ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ରାଜ୍ୟ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ କମିଟି ଖୁବ୍ ଶୀଘ୍ର ନବରଙ୍ଗପୁର ଗସ୍ତ କରିବ। ଅଭିଯୋଗ ସମ୍ପର୍କରେ ଶିକ୍ଷକ ସଙ୍ଗଠନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଠାରୁ ତଥ୍ୟ ସଂଗ୍ରହକରି ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରାଯିବ ବୋଲି ସୂଚନା ମିଳିଛି।

# ସାମାଜିକ ସମୀକ୍ଷା, ଜନଶୁଣାଣି ବୈଠକ

ପଡିଆ,୨୨।୨(ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ବ୍ଲକରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଏକ ସତନ୍ତ୍ର ବୈଠକ କରାଯାଇ ବିଭିନ୍ନ ଯୋଜନାର ହୋଇଥିବା ସମୀକ୍ଷାର ତଥ୍ୟ ଉପସ୍ଥାପନା ହୋଇଥିଲା। ମୁଖ୍ୟତଃ ଏମ୍‌ଜିଏନ୍‌ଆରଇଜିଏସ୍ ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ମମତା ଯୋଜନାର ଅର୍ଥ ସମେତ ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ ପୂର୍ବରୁ ଲଗାଯିବାକୁ ଥିବା ନାମ ଫଳକ ସମେତ ବିଭିନ୍ନ ତ୍ରୁଟି ପାଇଁ ଫାଇନ ମଧ୍ୟ କରାଯାଇଥିଲା। ତେବେ ଗତ ୫ ମାସ ଧରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକମାନେ ମଜୁରି ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଜନପ୍ରତିନିଧିମାନେ ବିଡିଓଙ୍କୁ ପଦକ୍ଷେପ ନେବାକୁ ଦାବି କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଡିଆ ବ୍ଲକ ଅଧ୍ୟକ୍ଷା ଯମୁନା ମୂସାକି, ସମ୍ମାନୀତ ଅତିଥି ଜିଲା ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ, ବିଡିଓ ଅଭିମନ୍ୟୁ କବି ଶତପଥୀ, ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା ଓ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମେନକା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ସାଲେମଧର ଶଗଡିଆ ପରିଚାଳନା କରିଥିଲେ।

# ୪୨୭ ହିତାଧିକାରୀଙ୍କୁ ନୂତନ ମଧୁବାବୁ ପେନ୍‌ସନ

ଝରିଗାଁ,୨୨।୨(କିଶୋର ଚନ୍ଦ୍ର ମଣ୍ଡଳ)

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଧୁବାବୁ ପେନ୍‌ସନ ଯୋଜନା ଆନୁକୂଲ୍ୟରେ ନୂତନ ଭତ୍ତା ବଣ୍ଟନ କରାଯାଇଛି। ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ୪୨୭ ନୂତନ ହିତାଧିକାରୀଙ୍କ ମଧ୍ୟରୁ ୨୫୦ ଜଣଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ୧୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯାଇଛି। ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ବିଡିଓ ପ୍ରୀତା କୁମାର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ତ୍ରିମଳା ପୂଜାରୀ, ଏପିଓ ଦେବେନ୍ଦ୍ର କୁମାର ବେହେରା, ଅତିରିକ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌରଭ କେତନ ବେହେରା, ପିଏ ଟିଟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

# ୨ଦଫା ଦାବିରେ ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ


ଅଗ୍ନିଶମ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଡାବୁଗାଁ, ୨୨।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ କର୍ମଚାରୀମାନେ ୨ ଦଫା ଦାବି ନେଇ ବୁଧବାରଠାରୁ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ଯାଏ ଧାରଣା ଚାଲିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ, ଆଗ୍ନିକ ଗାଡ଼ିଚାଳକ ଓ ହାବିଲଦାର (ମୁଖ୍ୟ ଆଗ୍ନିକ, ଡ୍ରାଇଭର, ଡ୍ରାଇଭର ହାବିଲଦାର) ଙ୍କ ପୂର୍ବପରି ଓଡ଼ିଶା ପୋଲିସ ସିପାହୀ, ହବିଲଦାରଙ୍କ ଦରମାର ଲେବଲ ଓ ଭତ୍ତା ସହ ପ୍ରଦାନ, ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ ଆଦି ଦାବି କରାଯାଇଛି। ଏହି ଆନ୍ଦୋଳନରେ ଡାବୁଗାଁ ଅଗ୍ନିଶମ କେନ୍ଦ୍ରର ସମସ୍ତ ଅଗ୍ନିଶମ କର୍ମଚାରୀ ସାମିଲ ହୋଇଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ନବରଙ୍ଗପୁର,୨୨।୨(ସଦାଶିବ ପ୍ରହରାଜ)

ବାରମ୍ବାର ଦାବି ସତ୍ତ୍ୱେ ଜମିକୁ ପାଣି ଓ ବିଦ୍ୟୁତ୍ ସଂଯୋଗ ହେଉ ନ ଥିବାରୁ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କୋଷାଗୁମୁଡ଼ା ବ୍ଲକ ଏମ୍ କାରାଗାଁର ଚାଷି ଅନନ୍ତ ରାମ ଭତ୍ରା କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଓ ପୋଲିସ ତାଙ୍କୁ ଦେଖି ଅଟକାଇ ଥିଲେ। ଅତିରିକ୍ତ ଜିଲାପାଳ ନବୀନ ନାୟକ ଅନନ୍ତଙ୍କ ସହ କଥା ହୋଇ ତାଙ୍କୁ ବୁଝାଶୁଝା କରିଥିଲେ।

ଜମିକୁ ପାଣି ଏବଂ ବିଦ୍ୟୁତ ସଂଯୋଗ କରିବାକୁ ୨୦୨୦ରୁ ଆବେଦନ କରିବା ସହ ୧୦ହଜାର ଟଙ୍କା ସ୍ଥାନୀୟ ସରପଞ୍ଚଙ୍କୁ ଦେଇଥିଲେ ମଧ୍ୟ ଏଯାଏ ତାହା ହୋଇପାରିନାହିଁ। ଏଥିପାଇଁ ୪ବର୍ଷ ହେବ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇଛି ବୋଲି ଅନନ୍ତ ରାମ କହିଛନ୍ତି। ଜମିରେ ଜଳସେଚନ ହୋଇ ନ ପାରିବାରୁ ପ୍ରତିବର୍ଷ ଫସଲ ନଷ୍ଟ ହେଉଛି। ଚଳିତ ବର୍ଷ ମଧ୍ୟ ୫ ଏକର ମକା ଚାଷ କରିଥିଲେ ମଧ୍ୟ ଜଳ ସେଚନ ସୁବିଧା ହେଲା ନାହିଁ। ଏଣୁ ଏକ ଡିଜେଲ୍ ପମ୍ପ ଯୋଗେ ଜମିକୁ ଜଳ ସେଚନ ବ୍ୟବସ୍ଥା କରିଥିଲେ। ଡିଜେଲ୍ କିଣିବା ପାଇଁ ଅର୍ଥ ଅଭାବ ରହିଲା। ସଞ୍ଚିତ ଧାନ ମାଣ୍ଡିଆ ସରି ଯାଇଥିଲା। ତେଣୁ ଜମିରେ ଜଳ ସେଚନ ନ ହେବାରୁ ଚଳିତ ବର୍ଷ ମଧ୍ୟ ଫସଲ ନଷ୍ଟ ହୋଇଯାଇଛି। ଆଉ କିଛି ଉପାୟ ନ ପାଇ ଆତ୍ମହତ୍ୟା ପାଇଁ ପଦକ୍ଷେପ ନେଇଥିବା ଅନନ୍ତ ରାମ କହିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳଙ୍କୁ ନବୀନ ନାୟକ ନାୟକଙ୍କୁ ପଚାରିବାରୁ ପୂର୍ବରୁ ଚାଷୀ କେବେ ମଧ୍ୟ ଅଭିଯୋଗ କେଉଁଠି କରିନାହାନ୍ତି। କିରାସିନି ଢାଳି ଆତ୍ମହତ୍ୟା କରିବା ଘଟଣା ଦୁଃଖ ଦାୟକ। ଏଭଳି ହେବା କଥା ନୁହେଁ। ତେବେ ବିଭାଗୀୟ ଯନ୍ତ୍ରୀଙ୍କୁ ଡକାଯାଇ ଆଲୋଚନା କରାଯାଇଛି। ଗଭୀର ନଳକୂପ ଖୋଳା ସରିଛି। ବିଦ୍ୟୁତ୍ ସଂଯୋଗ ହୋଇ ପାରି ନ ଥିଲା। ସପ୍ତାହ ମଧ୍ୟରେ ବୁଦ୍ୟୁତ ସଂଯୋଗ କରାଯିବ ବୋଲି ସେ କହିଛନ୍ତି।


ଅନନ୍ତ ରାମଙ୍କ ସହ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଆଲୋଚନା କରୁଛନ୍ତି।

# ଓଡ଼ିଶାରେ ଭାଜପା ସରକାର ଗଢ଼ିବ: ରାଜନାଥ

ନବରଙ୍ଗପୁର,୨୨।୨(ସଦାଶିବ ପ୍ରହରାଜ)


ନବରଙ୍ଗପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଭାଜପାର ଅନ୍ୟ ବରିଷ୍ଠ ନେତାମାନେ।

ନବରଙ୍ଗପୁରରେ ସର୍କିଟ ହାଉସ୍ ନିକଟ ପଡ଼ିଆରେ ଗୁରୁବାର ଭାଜପାର କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଲୋକ ସଭା କ୍ଷେତ୍ରର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଛନ୍ତି। ଏଥର ଓଡ଼ିଶାରେ ଭାଜପା ସରକାର ଆସିବ ବୋଲି ସେ କହିଛନ୍ତି। ଓଡ଼ିଶା ସହ ତାଙ୍କର ଭାବନାତ୍ମକ ସମ୍ପର୍କ ରହିଛି। ଜଗନ୍ନାଥଙ୍କ ମାଟିରୁ ଭାରତ ସୁରକ୍ଷା ଯାତ୍ରା ଆରମ୍ଭ କରିଥିଲେ ବୋଲି ରାଜନାଥ କହିଥିଲେ। କଂଗ୍ରେସ ସରକାର ସମୟରେ ଆତଙ୍କବାଦ ବଢ଼ିଥିଲା। ବର୍ତ୍ତମାନ ଦେଶରେ ଆତଙ୍କବାଦ ଓ ମାଓବାଦୀ କାର୍ଯ୍ୟକଳାପ କମିଛି। ଦେଶ ଭିତରୁ ଓ ଆବଶ୍ୟକ ହେଲେ ସୀମାପାର କରି ମଧ୍ୟ ଲଢ଼େଇ କରିବାର କ୍ଷମତା ଭାରତ ରଖିଛି ବୋଲି ରାଜନାଥ କହିଛନ୍ତି।

ଓଡ଼ିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାର ଦରକାର। ଭାଜପାର ପ୍ରତିଶ୍ରୁତି ମୁତାବକ ଧାରା ୩୭୦ ଓ ତିନ୍ ତଲାକ୍ ଉଚ୍ଛେଦ ହୋଇଛି। ଦଳ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ୟାକୁ ଏକା ଭଳି ଦେଖୁଛି। ୯ ବର୍ଷ ଭିତରେ ଦେଶରେ ଗରିବି ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି ବୋଲି ସେ କହିଛନ୍ତି। ଭାଜପା ଶାସନର ୯ ବର୍ଷରେ ୩୦ ହଜାର କି.ମି. ରାସ୍ତା ହୋଇଛି। ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ବେଳକୁ ଭାରତ ସମ୍ପୂର୍ଣ୍ଣ ବିକଶିତ ହୋଇଥିବ। ଓଡ଼ିଶା ସହ କେନ୍ଦ୍ର ସରକାର କେବେ ବି ଭେଦଭାବ କରିନାହାନ୍ତି। ଓଡ଼ିଶାରେ ପୂର୍ବ ତୁଳନାରେ ମେଡିକାଲ, ଇଞ୍ଜିନିୟରିଂ କଲେଜ ସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟର ୩୦ ଲକ୍ଷ ଲୋକଙ୍କୁ ପକ୍କାଘର ମିଳିଛି ବୋଲି ସେ କହିଛନ୍ତି।

ଦଳ ପାଇଁ ୨୪ ଘଣ୍ଟାରୁ ୧୨ ଘଣ୍ଟା ଦେବାକୁ ରାଜନାଥ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଲୋକେ ଓଡ଼ିଶା ସରକାରଙ୍କ ଉପରେ ଅସନ୍ତୋଷ। ତେଣୁ ପରିବର୍ତ୍ତନ ଚାହୁଁଛନ୍ତି। ରାଜ୍ୟର ୨୧ ଲୋକ ସଭା ଆସନରୁ ୨୦ ଭାଜପା ଆଣିବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏଥିସହ ରାଜ୍ୟରେ ଭାଜପା ସରକାର ଆସିଲେ ଜିଲାର ପ୍ରତ୍ୟେକ ଗ୍ରାମରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ନିଯୁକ୍ତି ସୁଯୋଗ ସୃଷ୍ଟି, ପର୍ଯ୍ୟଟନ ବିକାଶ ଓ ଧାନର ଏମ୍ଏସ୍‌ପି ୩୧୦୦ଟଙ୍କା କରାଯିବ ବୋଲି ସାମଲ କହିଛନ୍ତି। ଭଜାପା ଏକାକୀ ଲଢ଼ିବ। ଓଡ଼ିଶାରେ ଗଠବନ୍ଧନ ସରକାର କରିବ ନାହିଁ ବୋଲି ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପି ବସନ୍ତ ପଣ୍ଡା, ଏମ୍‌ପି ସଙ୍ଗୀତା ସିଂଦେଓ, ବିଧାୟକ ମୁକେଶ ମହାଲିଙ୍ଗ, ବିଧାୟକ ପ୍ରଦୀପ ନାୟକ, ବିଧାୟକ ଆଦିତ୍ୟ ମାଢ଼ି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ପର୍ଶୁରାମ ମାଝି, ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ରାଜ୍ୟ ସାଧାରଣ ସମ୍ପାଦକ ପୂର୍ଣ୍ଣିମା କେର୍‌କେଟା, ସମ୍ପାଦକ ରମେଶ ସାହୁ, ପୂର୍ଣ୍ଣିମା ନାୟକ ଓ ଏସ୍‌ଟି ମୋର୍ଚ୍ଚା ଜାତୀୟ ସାଧାରଣ ସମ୍ପାଦକ ମଞ୍ଚାସୀନ ଥିଲେ। ରାଜ୍ୟ ସମ୍ପାଦକ ରମେଶ ସାହୁ ମଞ୍ଚ ପରିଚାଳନା କରିଥିଲେ।

